# NATIONAL NEWS BULLETIN (ODIA)
## 25 November - 2024
## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ସମବାୟ ହେଉଛି ଭାରତୀୟ ସଂସ୍କୃତିର ଭିତ୍ତିଭୂମି, କହିଲେ ପ୍ରଧାନମନ୍ତ୍ରୀ ।
- ବିଭିନ୍ନ ପ୍ରସଙ୍ଗ ନେଇ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ସଂସଦର ଉଭୟ ସଦନ ଆଜି ଦିନକ ପାଇଁ ମୁଲତବୀ ।
- ଦେଶରେ ଆସନ୍ତାକାଲିଠାରୁ ବର୍ଷ ବ୍ୟାପି ପାଳନ କରାଯିବ ସମ୍ବିଧାନ ଗ୍ରହଣର ୭୫ ବର୍ଷ ପୂର୍ତ୍ତି ।
- ଓଡ଼ିଶା ବିଧାନସଭାର ଶୀତକାଳୀନ ଅଧିବେଶନ ଆସନ୍ତାକାଲିଠୁ ଆରମ୍ଭ ।

ଏବଂ

- ପର୍ଥ ଟେଷ୍ଟରେ ଅଷ୍ଟ୍ରେଲିଆକୁ ୨୯୫ରନ୍‌ରେ ପରାସ୍ତ କଲା ଭାରତ ।

– ଓଭାଲ୍‌ର ଆଡିଲେଡ୍ ଠାରେ ଆସନ୍ତା ୬ ତାରିଖରେ ଖେଳାଯିବ ଦ୍ୱିତୀୟ ଟେଷ୍ଟ ।

# ସମବାୟ ଦିବସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ସମବାୟ ହେଉଛି ଭାରତୀୟ ସଂସ୍କୃତିର ଭିତ୍ତିଭୂମି । ଭବିଷ୍ୟତ ସମବାୟ କ୍ଷେତ୍ରରେ ଅଭିବୃଦ୍ଧି ପାଇଁ ଭାରତର ବଡ଼ ଭୂମିକା ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ନୂଆଦିଲ୍ଲୀର ଭାରତ ମଣ୍ଡପମ୍ ଠାରେ ବିଶ୍ୱ ସମବାୟ ସମ୍ମିଳନୀକୁ ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ ସହଯୋଗ ମାଧ୍ୟମରେ ସମୃଦ୍ଧିର ମାର୍ଗକୁ ଅନୁସରଣ କରିଥାଏ । ଆନ୍ତର୍ଜାତିକ ସମବାୟ ବର୍ଷ ୨୦୨୫ ପାଳନ ଅବସରରେ ଶ୍ରୀ ମୋଦୀ ସ୍ମାରକ ଟିକଟ ଉନ୍ମୋଚନ କରିଛନ୍ତି । ଆନ୍ତର୍ଜାତିକ ସମବାୟ ମେଣ୍ଟର ୧୩୦ ବର୍ଷର ଇତିହାସରେ ପ୍ରଥମଥର ପାଇଁ ଭାରତରେ ଏହି ସମ୍ମିଳନୀ ଆୟୋଜିତ ହେଉଛି । ଭୁଟାନ୍‌ର ପ୍ରଧାନମନ୍ତ୍ରୀ ଦାସୋ ସେରିଂ ତୋବଗେ, ଫିଜିର ଉପପ୍ରଧାନମନ୍ତ୍ରୀ ମନୋଆ କାମିକାମିକା ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏହି ସମ୍ମିଳନୀରେ ଯୋଗଦେଇଛନ୍ତି ।

୬ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ସମ୍ମିଳନୀର ବିଷୟବସ୍ତୁ ହେଉଛି "ସମସ୍ତଙ୍କ ସମୃଦ୍ଧିରେ ସମବାୟ" । ପ୍ରାୟ ୩ ହଜାର ବିଦେଶୀ ଓ ଭାରତୀୟ ପ୍ରତିନିଧି ଏଥିରେ ଯୋଗ ଦେଇଛନ୍ତି । ସମଗ୍ର ବିଶ୍ୱର ସମବାୟ ସମିତିଗୁଡ଼ିକ ମଧ୍ୟରେ ଏହି ସମ୍ମିଳନୀରେ ବିଭିନ୍ନ ପ୍ରସଙ୍ଗ ନେଇ ମତ ବିନିମୟ ହେବ । ସମସ୍ତଙ୍କ ପାଇଁ ଏକ ସାମୂହିକ, ଶାନ୍ତିପୂର୍ଣ୍ଣ ଏବଂ ସମୃଦ୍ଧ ଭବିଷ୍ୟତ ଗଠନରେ ସମବାୟର ଭୂମିକା ନେଇ ବିଭିନ୍ନ ଦିବସରେ ଆଲୋଚନା ହେବ ।

ସୂଚନାଯୋଗ୍ୟ, ୧୮୯୫ ମସିହାରେ ଅନ୍ତର୍ଜାତୀୟ ସମବାୟ ମେଣ୍ଟ ସ୍ଥାପନ କରାଯାଇଥିଲା । ଏଥିରେ ସମଗ୍ର ବିଶ୍ୱରୁ ପ୍ରାୟ ୧୦୦ କୋଟିରୁ ଅଧିକ ସମବାୟ ସଦସ୍ୟ ଅଛନ୍ତି ।

## ପାର୍ଲାମେଣ୍ଟ ଆଡଜର୍ଣ୍ଣ

ଏକ ନିର୍ଦ୍ଦିଷ୍ଟ ବ୍ୟବସାୟ ଗୋଷ୍ଠୀ ବିରୋଧରେ ଲାଞ୍ଚ ଅଭିଯୋଗ ଏବଂ ଅନ୍ୟାନ୍ୟ ପ୍ରସଙ୍ଗ ନେଇ ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ଯୋଗୁଁ ସଂସଦର ଉଭୟ ସଦନର କାର୍ଯ୍ୟ ଆଜି ସମ୍ଭବ ହୋଇପାରି ନ ଥିଲା ।

ଲୋକସଭାରେ ଆଜି ଅଧିବେଶନ ଆରମ୍ଭ ହେବା ପରେ  ପ୍ରଥମେ ପରଲୋକ ଗମନ କରିଥିବା ସଦସ୍ୟଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଥିଲା । ଏଥିସହ ବାଚସ୍ପତି ଓମ୍ ବିର୍ଲା ଅଧିବେଶନକୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ । ୧୨ଟାରେ ପୁଣି ଗୃହ କାର୍ଯ୍ୟ ଆରମ୍ଭ ହେବା କ୍ଷଣି ବିରୋଧୀ କଂଗ୍ରେସ, ସମାଜବାଦୀ ପାର୍ଟି, ଡି.ଏମ୍.କେ. ଏବଂ ଅନ୍ୟ ସଦସ୍ୟ ଲାଞ୍ଚ ଅଭିଯୋଗ ତଥା ଅନ୍ୟାନ୍ୟ ପସଙ୍ଗ ନେଇ ହଟ୍ଟଗୋଳ ଆରମ୍ଭ କରିଥିଲେ । ଗୃହର କାର୍ଯ୍ୟ ସମ୍ଭବ ନ ହେବାରୁ ଆଜି ପାଇଁ ମୁଲତବୀ ଘୋଷଣା କରାଯାଇଥିଲା ।

ସେହିଭଳି ରାଜ୍ୟସଭାରେ ମଧ ଆଜି ପରଲୋକଗତ ସଦସ୍ୟଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ ପରେ ପୂର୍ବାହ୍ନ ୧୧ଟା ୪୫ରେ ଅଧିବେଶନ ଆରମ୍ଭ

ହୋଇଥିଲା । ଲାଞ୍ଚ ଅଭିଯୋଗ, ମଣିପୁର ହିଂସା ଏବଂ ଅନ୍ୟାନ୍ୟ ପ୍ରସଙ୍ଗ ନେଇ ବିରୋଧୀ ସଦସ୍ୟମାନେ ଗୃହରେ ମୁଲତବୀ ପ୍ରସ୍ତାବ ନୋଟିସ୍ ଆଗତ କରିଥିଲେ । ଅଧ୍ୟକ୍ଷ ଜଗଦୀପ ଧନଖଡ଼ ଏହାକୁ ଅଗ୍ରାହ୍ୟ କରିବା ସହ ଗୃହ କାର୍ଯ୍ୟକୁ ସୁରୁଖୁରୁରେ ସମ୍ପାଦନ କରିବା ପାଇଁ ବିରୋଧୀ ସଦସ୍ୟଙ୍କୁ ଅନୁରୋଧ କରିଥିଲେ । ସମ୍ବିଧାନ ଗ୍ରହଣର ୭୫ ବର୍ଷ ପୂର୍ତ୍ତି ଅବସରରେ ଏହି ଅଧିବେଶନ ଅନୁଷ୍ଠିତ ହେଉଛି । ଲୋକଙ୍କ ଆଶାଆକାଂକ୍ଷା ପୂରଣ ଲକ୍ଷ୍ୟରେ ସର୍ବୋଚ୍ଚ ମାନଦଣ୍ଡ ଉପସ୍ଥାପନ କରିବାକୁ ସେ ସଦସ୍ୟମାନଙ୍କୁ ଅନୁରୋଧ କରିଥିଲେ । ତେବେ ବିରୋଧୀ ଦଳଙ୍କ ପ୍ରବଳ ହଙ୍ଗାମା ଯୋଗୁଁ ଶ୍ରୀ ଧନଖଡ଼ ଗୃହକୁ ଆଜି ଦିନକ ପାଇଁ ମୁଲତବୀ ଘୋଷଣା କରିଥିଲେ ।

ଆସନ୍ତାକାଲି ସମ୍ବିଧାନ ଦିବସ ପାଳନ ଅବସରରେ ଗୃହର ଅଧିବେଶନ ଅନୁଷ୍ଠିତ ହେବ ନାହିଁ । ଉଭୟ ଗୃହର ଅଧିବେଶନ ଆସନ୍ତା ବୁଧବାର ଦିନ ବସିବ ।

## ସମ୍ବିଧାନ ଦିବସ

ଭାରତୀୟ ସମ୍ବିଧାନ ଗ୍ରହଣର ୭୫ ବର୍ଷ ପୂର୍ତ୍ତି ଆସନ୍ତାକାଲିଠାରୁ ବର୍ଷ ବ୍ୟାପି ସମଗ୍ର ଦେଶରେ ପାଳନ କରାଯିବ । ୧୯୪୯ ମସିହା ନଭେମ୍ବର ୨୬ ତାରିଖରେ ଭାରତୀୟ ସମ୍ବିଧାନ ସଭା ସମ୍ବିଧାନକୁ ଗ୍ରହଣ କରିଥିଲା ।

୧୯୫୦ ଜାନୁଆରୀ ୨୬ ତାରିଖରେ ଏହା କାର୍ଯ୍ୟକାରୀ ହୋଇଛି । ସଂସଦୀୟ ବ୍ୟାପାର ମନ୍ତ୍ରୀ କୀରଣ ରିଜିଜୁ ନୂଆଦିଲ୍ଲୀ ଠାରେ କହିଛନ୍ତି, ସମ୍ବିଧାନ ସଦନର କେନ୍ଦ୍ରୀୟ ହଲ୍‌ରେ ଆସନ୍ତାକାଲି ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସଂସଦର ଉଭୟ ସଦନର ସଦସ୍ୟଙ୍କୁ ସମ୍ବୋଧନ କରିବେ । ଏହି ଦିବସକୁ ସମଗ୍ର ଦେଶରେ ପାଳନ କରିବାକୁ ମନ୍ତ୍ରୀ ଶ୍ରୀ ରିଜିଜୁ ଆହ୍ୱାନ ଦେଇଛନ୍ତି । ଶ୍ରୀ ରିଜିଜୁ କହିଛନ୍ତି, ଏହି ଅବସରରେ 'ହମାରା ସମ୍ବିଧାନ, ହମାରା ସ୍ୱାଭିମାନ' ଶୀର୍ଷକ ଅଭିଯାନ ଆରମ୍ଭ ହୋଇଛି । ସମ୍ବିଧାନର ମୂଲ୍ୟବୋଧ ନେଇ ସଚେତନତା ସୃଷ୍ଟି ଏବଂ ସମ୍ବିଧାନ ପ୍ରଣେତାଙ୍କ ଅବଦାନକୁ ସମ୍ମାନ ଦେବା ଏହି ଅଭିଯାନର ମୂଳ ଲକ୍ଷ୍ୟ ବୋଲି ସେ କହିଛନ୍ତି । ଆଇନ୍ ଓ ନ୍ୟାୟ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ୍ କହିଛନ୍ତି, ଏହି ଅଭିଯାନ ଅଧୀନରେ ତୃଣମୂଳ ସ୍ତରରୁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯିବ ।

## ଓଡ଼ିଶା – ବିଧାନସଭା

ଓଡ଼ିଶା ବିଧାନସଭାର ଶୀତକାଳୀନ ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ ହେବ । ଏହାର ଅବ୍ୟବହିତ ପୂର୍ବରୁ ବାଚସ୍ପତି ସୁରମା ପାଢ଼ୀଙ୍କ ଅଧକ୍ଷତାରେ ଆଜି ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଛି । ଅଧିବେଶନର ସୁପରିଚାଳନା ନେଇ ବାଚସ୍ପତି ସବୁ ଦଳର ସହଯୋଗ ଲୋଡ଼ିଛନ୍ତି । ବାଚସ୍ପତି କହିଛନ୍ତି, ବିଧାନସଭା କାର୍ଯ୍ୟବିଧି, ପରିଚାଳନା

ସମ୍ପର୍କରେ ଆଲୋଚନା ହୋଇଛି । ଶୃଙ୍ଖଳିତ ଭାବେ ଗୃହ ପରିଚାଳନା ପାଇଁ ସବୁ ଦଳ ପ୍ରତିଶ୍ରୁତି ଦେଇଥିବା ବାଚସ୍ପତି ସୂଚନା ଦେଇଛନ୍ତି ।

## ସୁପ୍ରିମ୍‌କୋଟ-ପଲ୍ୟୁସନ୍

ଦିଲ୍ଲୀ ଏନ୍.ସି.ଆର୍. ଅଞ୍ଚଳରେ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଗୁଡ଼ିକରେ ଅଫ୍ ଲାଇନ୍ ପାଠପଢ଼ା ପୁନଃ ଆରମ୍ଭ କରିବା ନେଇ ବିଚାର କରିବାକୁ ସୁପ୍ରିମ୍‌କୋର୍ଟ ବାୟୁ ଗୁଣବତ୍ତା ପରିଚାଳନା ଆୟୋଗଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବିଚାରପତି ଜଷ୍ଟିସ୍ ଅଭୟ ଓକ୍କା ଏବଂ ଜଷ୍ଟିସ୍ ଅଗଷ୍ଟିନ୍ ଜର୍ଜ୍ ମସିହଙ୍କ ଖଣ୍ଡପୀଠ ଏ ସଂକ୍ରାନ୍ତ ମାମଲାର ଶୁଣାଣି କରି କହିଛନ୍ତି, ଅଫ୍‌ଲାଇନ୍ ପାଠପଢ଼ା ନେଇ ଲାଗିଥିବା କଟକଣାକୁ କୋହଳ କରାଯିବା ଉପରେ ବିଚାରର ଆବଶ୍ୟକତା ରହିଛି । ଆସନ୍ତାକାଲି ସୁଦ୍ଧା ଏ ସଂକ୍ରାନ୍ତରେ ନିଷ୍ପତ୍ତି ନେବାକୁ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ବହୁ ଛାତ୍ରଛାତ୍ରୀଙ୍କ ଘରେ ଏୟାର୍ ପ୍ୟୁରି ଫାୟର୍ ନଥିବାରୁ ଘରେ ରହୁଥିବା ଏବଂ ସ୍କୁଲ୍ ଯାଉଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଶେଷ ପାର୍ଥକ୍ୟ ପରିଲକ୍ଷିତ ହୋଇନପାରେ ବୋଲି ସୁପ୍ରିମ୍‌କୋର୍ଟ କହିଛନ୍ତି ।

ଅନ୍ୟ ପକ୍ଷରେ ଦିଲ୍ଲୀକୁ ହାଲୁକା ଏବଂ ଭାରି ବାଣିଜ୍ୟିକ ଯାନ ପ୍ରବେଶ ଉପରେ ଲାଗିଥିବା କଟକଣାକୁ ସଠିକ୍ ଭାବେ କାର୍ଯ୍ୟକାରୀ କରାଯାଉ ନ ଥିବାରୁ ସୁପ୍ରିମ୍‌କୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି । କଟକଣା କାର୍ଯ୍ୟକାରି କରିବାରେ ବିଫଳ ହୋଇଥିବା ଅଧିକାରୀଙ୍କ

ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସୁପ୍ରିମ୍‌କୋର୍ଟ ଆୟୋଗଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ସୂଚନା ଯୋଗ୍ୟ  ବାୟୁ ପ୍ରଦୂଷଣ କାରଣରୁ ଗତ ସପ୍ତାହରେ ଅଫ୍‌ଲାଇନ୍ ପାଠପଢ଼ା ନେଇ କଟକଣା ଲାଗୁ ହୋଇଥିଲା ।

## ଜୟଶଙ୍କର-ମେଡ୍

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ପଶ୍ଚିମ ଏସିଆ ସ୍ଥିତି ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଇଟାଲୀର ରୋମ୍ ଠାରେ ଆୟୋଜିତ ମେଡିଟେରିଆନ୍ ଡାଏଲଗ୍ ସମ୍ମିଳନୀରେ ଉଦ୍‌ଘାଟନୀ ଭାଷଣ ଦେଇ ଡକ୍ଟର ଜୟଶଙ୍କର କହିଛନ୍ତି, ଆତଙ୍କବାଦ ଏବଂ ପଣବନ୍ଦୀ ସ୍ଥିତିକୁ ଭାରତ ଦୃଢ଼ ନିନ୍ଦା କରେ । ଆନ୍ତର୍ଜାତିକ ମାନବିକ ଆଇନ୍ ପାଳନ ଉପରେ ସେ ଗୁରୁତ୍ୱାରୋପ କରିବା ସହିତ ଅସ୍ତ୍ର ବିରତି ପାଇଁ ସମର୍ଥନ କରିବାକୁ ଅନ୍ୟ ଦେଶଗୁଡ଼ିକୁ ଆହ୍ୱାନ ଦେଇଛନ୍ତି । ପାଲେଷ୍ଟାଇନ୍ ବାସୀଙ୍କ ଭବିଷ୍ୟତ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି ।  ସଂଯମ ଏବଂ ବୁଝାମଣା ବୃଦ୍ଧି ଲାଗି ଭାରତ ଉଭୟ ଇସ୍ରାଏଲ୍ ଓ ଇରାନ୍‌ର ସର୍ବୋଚ୍ଚ ନେତୃମଣ୍ଡଳୀଙ୍କ ସହ ନିୟମିତ ଯୋଗାଯୋଗରେ ରହିଛି । ଏଥିପାଇଁ ଆନ୍ତର୍ଜାତିକ କୂଟନୈତିକ ପଦକ୍ଷେପରେ ଭାରତ ସହଯୋଗ ପ୍ରଦାନ କରିବ ବୋଲି ଡକ୍ଟର ଜୟଶଙ୍କର ସୂଚନା ଦେଇଛନ୍ତି । ବୈଶ୍ୱିକ ସ୍ଥିତି ଦୃଷ୍ଟିରୁ ୟୁକ୍ରେନ୍‌ରେ ସଂଘର୍ଷର ସମାଧାନ ଉପରେ ସେ ଗୁରୁତ୍ୱ ଦେଇଛନ୍ତି । ବିବାଦର ସମାଧାନ

ଆପୋଷ ଆଲୋଚନା ମାଧ୍ୟମରେ ସମ୍ଭବ ହୋଇପାରିବ ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି ।

## ଉତ୍ତରପ୍ରଦେଶ ହିଂସା

ଉତ୍ତରପ୍ରଦେଶର ସମ୍ଭାଲ ଜିଲ୍ଲାରେ ହିଂସା ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି ବୋଲି ଆରକ୍ଷୀ ଅଧିକ୍ଷକ କ୍ରୀଷ୍ଣା କୁମାର କହିଛନ୍ତି । ହିଂସାକାଣ୍ଡରେ ଜଡ଼ିତ ଅଭିଯୋଗରେ ୭ଟି ମାମଲା ରୁଜୁ ହୋଇଛି । ଗତକାଲି ସଂଘଟିତ ଏହି ଘଟଣାରେ ଦୁଇ ଜଣ ମହିଳାଙ୍କ ସମେତ ୨୫ ଜଣଙ୍କୁ ଅଟକ ରଖାଯାଇଛି ବୋଲି ଏସ୍.ପି. ସୂଚନା ଦେଇଛନ୍ତି । ମସ୍‌ଜିଦ୍ ସର୍ଭେ ପରିପ୍ରେକ୍ଷୀରେ ହୋଇଥିବା ଏହି ହିଂସାକାଣ୍ଡରେ ଗତକାଲି ତିନି ଜଣଙ୍କର ମୃତ୍ୟୁ ହୋଇଥିଲା । ସେମାନଙ୍କର ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଛି ବୋଲି ସେ ସୂଚନା ଦେଇଛନ୍ତି । ହିଂସା ଘଟଣା ପରେ ସମ୍ପୃକ୍ତ ଅଞ୍ଚଳରେ ତଲାସି ଅଭିଯାନ ଜାରି ରହିଛି ଏବଂ କେତେକ ମାରଣାସ୍ତ୍ର ମଧ୍ୟ ଜବତ କରାଯାଇଛି । ଏହି ଘଟଣାରେ ଜଡ଼ିତ ଅଭିଯୋଗରେ କିଛି ନାବାଳକଙ୍କୁ ମଧ୍ୟ ଅଟକ ରଖାଯାଇଛି ବୋଲି ଏସ୍.ପି. ସୂଚନା ଦେଇଛନ୍ତି ।

# କ୍ରିକେଟ୍

ବର୍ଡର ଗାଭାସ୍କର କ୍ରିକେଟ୍ ସିରିଜ୍‌ର ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଭାରତ ଅଷ୍ଟ୍ରେଲିଆକୁ ୨୯୫ରନ୍‌ରେ ପରାସ୍ତ କରିଛି । ଅଷ୍ଟ୍ରେଲିଆ ପର୍ଥର ନୂତନ ଷ୍ଟାଡିୟମ୍ ଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌କୁ ଜିତିବାରେ ଭାରତ ପ୍ରଥମ ବିଦେଶୀ ରାଷ୍ଟ୍ର ହୋଇଛି ।

୫୩୪ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଅଷ୍ଟ୍ରେଲିଆ ତାର ଦ୍ୱିତୀୟ ଇନିଂସରେ ସମସ୍ତ ୱିକେଟ୍ ହରାଇ ୨୩୮ରନ୍ ସଂଗ୍ରହ କରିଥିଲା । ଟ୍ରାଭିସ୍ ହେଡ୍ ଦଳ ପକ୍ଷରୁ ସର୍ବାଧିକ ୮୯ରନ୍ ସଂଗ୍ରହ କରିଥିବା ବେଳେ ମିଚେଲ୍ ମାର୍ସ ୪୭ ଏବଂ ଆଲେକ୍ସ କେରି ୩୬ରନ୍ ସଂଗ୍ରହ କରିଥିଲେ । ଭାରତୀୟ ଅଧିନାୟକ ଯଶପ୍ରୀତ ବୁମ୍‌ରା ଓ ମହମ୍ମଦ ସିରାଜ ୩ଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ୱାଶିଂଟନ୍ ସୁନ୍ଦର ୨ଟି ଏବଂ ହର୍ଷିତ୍ ରାଣା ଓ ନିତିଶ କୁମାର ରେଡ୍ଡୀ ଗୋଟିଏ ଲେଖାଏଁ ୱିକେଟ୍ ଅକ୍ତିଆର କରିଛନ୍ତି । ଯଶପ୍ରୀତ ବୁମ୍‌ରା ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି ।

ଏହି ଟେଷ୍ଟରେ ବୁମ୍‌ରା ୨ଟି ଯାକ ଇନିଂସରେ ୮ଟି ୱିକେଟ୍ ହାସଲ କରିଛନ୍ତି । ଏହି ବିଜୟ ସହ ସିରିଜ୍‌ରେ ଭାରତ ୧-୦ରେ ଆଗୁଆ ରହିଛି । ଚୂଡ଼ାନ୍ତ ସ୍କୋର ଭାରତ ପ୍ରଥମ ଇନିଂସରେ ୧୫୦ରନ୍ ଓ ଦ୍ୱିତୀୟ

ଇନିଂସରେ ୬ ୱିକେଟ୍ ବିନିମୟରେ ୪୮୭ରନ୍ ପାଳି ସମାପ୍ତି । ଅଷ୍ଟ୍ରେଲିଆ ପ୍ରଥମ ଇନିସଂ ୧୦୪ ଓ ଦ୍ୱିତୀୟ ଇନିଂସ ୨୩୮ରନ୍ । ଏହି ବିଜୟ ସହ ଭାରତ ଆଇ.ସି.ସି. ବିଶ୍ୱ ଟେଷ୍ଟ ଚାମ୍ପିୟନ୍‌ସିପ୍ ର୍ୟାଙ୍କିଙ୍ଗ୍‌ରେ ପ୍ରଥମ ସ୍ଥାନ ଅକ୍ତିଆର କରିଛି । ଅଷ୍ଟ୍ରେଲିଆ ଦ୍ୱିତୀୟ ସ୍ଥାନରେ ରହିଛି ।

ଓଭାଲ୍‌ର ଆଦିଲେଡ୍ ଠାରେ ଆସନ୍ତା ୬ ତାରିଖରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଖେଳାଯିବ ।